# ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ବାଙ୍କୀ

ନଂ ......୩୫୪...... / ତା. ..୨୦..୧୨..୨୩

## ବିଜ୍ଞାପନ

ଏତଦ୍ୱାରା ବାଙ୍କୀ ଉପଖଣ୍ଡର ସମସ୍ତ ଚାଷୀ, ବ୍ୟବସାୟୀ ଓ ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ବାଙ୍କୀ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ଘାସିପୁଟ (ଜାତମୁଣ୍ଡିଆ) ହାଟ ପରିସରରେ ୧୪ ଗୋଟି ଦୋକାନଗୃହକୁ (କ୍ର.ସଂ. ୨୮ ରୁ ୪୧) ଭଡାସୂତ୍ରେ ନିମ୍ନଲିଖିତ ନିୟମାନୁଯାୟୀ ଆବଂଟନ କରାଯିବ ।

୧. ଆବେଦନକାରୀ ବାଙ୍କୀ ଉପଖଣ୍ଡର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨. ପ୍ରତ୍ୟେକ ଦୋକାନଗୃହ ପାଇଁ ଅମାନତ ରାଶି ଟ.୩୦,୦୦୦/- (ତିରିଶି ହଜାର ଟଙ୍କା) ମାତ୍ର ଓ ମାସିକ ଭଡା ଟ.୧,୦୦୦/- (ଏକ ହଜର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି ।

୩. ୨୮ ରୁ ୩୩ ନମ୍ବର ଦୋକାନ ଗୃହ ଗୁଡିକ କୃଷିଜାତ ଦ୍ରବ୍ୟ ବ୍ୟବସାୟ କରିବା ନିମନ୍ତେ ଉଦ୍ଦିଷ୍ଟ । ଆବେଦନକାରୀ ଯଦି କୃଷିଜାତ ଦ୍ରବ୍ୟ ବ୍ୟବସାୟ କରୁଥିବେ ତାହାର ପ୍ରମାଣପତ୍ର ଦରଖାସ୍ତ ସହିତ ସଂଲଗ୍ନ କରିବେ । ଆବଶ୍ୟକ ସ୍ଥଳେ ସେମାନଙ୍କର ଦରଖାସ୍ତଟିକୁ ଅଗ୍ରାଧିକାର ଭିତିରେ ବିଚାରକୁ ନିଆଯାଇପାରେ ।

୪. ୩୮ ରୁ ୪୧ ନମ୍ବର ଦୋକାନ ଗୃହ ଗୁଡିକ ଆମିଷ ବଜାର ତଥା ମାଛ, ମାଂସ ବ୍ୟବସାୟ କରିବା ନିମନ୍ତେ ଉଦ୍ଦିଷ୍ଟ । ଯଦି ଆବେଦନକାରୀ ମାଛ, ମାଂସ ବ୍ୟବସାୟ କରୁଥିବେ ତାହାର ପ୍ରମାଣପତ୍ର ଦରଖାସ୍ତ ସହିତ ସଂଲଗ୍ନ କରିବେ । ଆବଶ୍ୟକ ସ୍ଥଳେ ସେମାନଙ୍କର ଦରଖାସ୍ତଟିକୁ ଅଗ୍ରାଧିକାର ଭିତିରେ ବିଚାରକୁ ନିଆଯାଇପାରେ ।

୫. ଆବେଦନ ଫର୍ମ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ତା.୦୧.୦୧.୨୪ରିଖ ଠାରୁ ତା.୧୨.୦୧.୨୪ରିଖ ପର୍ଯ୍ୟନ୍ତ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ଟ.୧୦୦.୦୦ଙ୍କା ଦାଖଲ କରି ପ୍ରାପ୍ତ ହେବେ ।

୬. ଆବେଦନ ପତ୍ର ସହ ଆବେଦନକାରୀ ଦୋକାନଗୃହ ପାଇଁ ଅମାନତ ରାଶି ଟ.୩୦,୦୦୦/-ଙ୍କା (ତିରିଶି ହଜାର ଟଙ୍କା) ମାତ୍ର ର ଏକ ଡିମାଣ୍ଡଡ୍ରାଫ୍ଟ ଯେ କୌଣସି ଜାତୀୟକରଣ ବ୍ୟାଙ୍କ୍ ଦ୍ୱାରା "Regulated Market Committee, Banki" ଙ୍କ ସପକ୍ଷରେ ଦାଖଲ କରିବେ । ଅନ୍ୟଥା ଆବେଦନଟିକୁ ବିଚାରକୁ ନିଆଯିବ ନାହିଁ । ଦୋକାନ ଗୃହ ପାଇବାକୁ ଯୋଗ୍ୟ ବିବେଚିତ ହେଉନଥିବା ଆବେଦନକାରୀଙ୍କର ଅମାନତ ରାଶି ଫେରସ୍ତ ଦିଆଯିବ ।

୭. ଆବେଦନକାରୀ ଆବେଦନ ସହିତ ବାଙ୍କୀ ଉପଖଣ୍ଡ ଅଂଚଳର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର କିମ୍ବା ଭୋଟର ପରିଚୟ ପତ୍ର କିମ୍ବା ଆଧାରକାର୍ଡର ଅବିକଳ ନକଲ ସଂଯୋଗ କରିବେ ।

୮. ଆବେଦନକାରୀ ଦୋକାନଗୃହ ମଧ୍ୟରୁ ଯେ କୌଣସି ଗୋଟିଏ ଗୃହ ପାଇଁ ଆବେଦନ କରିପାରିବେ । ଅନ୍ୟଥା ଆବେଦନ ଗୁଡିକୁ ବିଚାରକୁ ନିଆଯିବନାହିଁ । ଯଦି କୌଣସି ଆବେଦନକାରୀ ପୂର୍ବରୁ ବଜାର କମିଟି ଠାରୁ ଦୋକାନ ଗୃହ ପାଇଥିବେ ସେମାନଙ୍କୁ ଦୋକାନ ଗୃହ ଦିଆଯିବ ନାହିଁ ।

୯. ଦୋକାନ ଗୃହ ଗୁଡିକ ଲୁଣ, ସାର, ସିମେଂଟ୍, ବିସ୍ଫୋରକ ଦ୍ରବ୍ୟ, ମାଦକ ଦ୍ରବ୍ୟ ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ନୁହେଁ ।

୧୦. ଆବେଦନ ପତ୍ର ଗୁଡିକ ସଂପାଦକ, ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ, ସା/ପୋ- ବାଙ୍କୀ, ଜିଲ୍ଲା- କଟକ, ପିନ୍ - ୭୫୪୦୦୮ଙ୍କ ଠିକଣାରେ ରେଜେଷ୍ଟ୍ରି ଡାକ ଯୋଗେ କିମ୍ବା ସିଧାସଳଖ ନିୟନ୍ତ୍ରିତ ବଜାର କମିଟି, ବାଙ୍କୀଙ୍କ କାର୍ଯ୍ୟାଳୟରେ ତା.୨୦.୦୧.୨୪ରିଖ ଅପରାହ୍ନ ୫ଘଟିକା ସମୟ ମଧ୍ୟରେ ପହଂଚିବା ବାଞ୍ଛନୀୟ ।

ନିର୍ଦ୍ଧାରିତ ତାରିଖ ମଧ୍ୟରେ ଗ୍ରହଣ କରାଯାଇଥିବା ଆବେଦନପତ୍ର ଗୁଡିକୁ ଯାଂଚ କରାଯାଇ କେବଳ ବୈଧ ଦରଖାସ୍ତ ଗୁଡିକୁ ବିଚାରକୁ ଦିଆଯିବ ଓ ଆବଶ୍ୟକ ସ୍ଥଳେ ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ଫୋନ୍ ମାଧ୍ୟମରେ ସୂଚିତ କରାଯିବ । ଉକ୍ତ ବିଜ୍ଞାପନ ମାଧ୍ୟମରେ ଗ୍ରହଣ କରାଯାଇଥିବା କୌଣସି କିମ୍ବା ସମସ୍ତ ଆବେଦନକୁ ନାକଚ କରିବା ପାଇଁ ଉପଜିଲ୍ଲାପାଳ, ବାଙ୍କୀ-ତଥା- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ କ୍ଷମତାପ୍ରାପ୍ତ ଅଟନ୍ତି ।

ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ

20/12/23

ସଂପାଦକ

ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ